# ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ନୟାଗଡ଼

## ସାଧାରଣ ଓ ବିବିଧ ବିଭାଗ

ସଂଖ୍ୟା. ୧୮୨୨/ସା.ଓ.ବି. ତା. ୦୩.୧୨.୨୫ ରିଖ

## ସର୍ବସାଧାରଣ ନୋଟିସ

ଏତଦ୍ୱାରା ନୟାଗଡ଼ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ତାଲିକା ଯଥା ମାନ୍ୟବର ତଦନ୍ତ କମିଶନ ଦ୍ୱାରା ସୁପାରିଶ ଏବଂ ଗୋଲ୍ଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନୀଜ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ କ୍ଷତିପୂରଣ ପାଇନାହାନ୍ତି, ସେମାନେ ନୟାଗଡ଼ ଜିଲ୍ଲା ସରକାରୀ ୱେବସାଇଟ https://nayagarh.odisha.gov.in/ ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି।

ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ।

(୧) ଯେ କୌଣସି ପ୍ରମାଣ ପତ୍ର ( ଆଧାର କାର୍ଡ/ଭୋଟର ପରିଚୟ ପତ୍ର/ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି)

(୨) ଚିଟ ଫଣ୍ଡ କମ୍ପାନୀରେ ଟଙ୍କା ଜମା ରଖିଥିବା ର ପ୍ରମାଣ ସ୍ୱରୂପ ଅସଲି ରସିଦ (original money receipt)

(୩) ବ୍ୟାଙ୍କ ଖାତାର ସବିଶେଷ ବିବରଣୀ ( କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ)

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ୱାରା ସୁପାରିଶ ହୋଇ ଅଦ୍ୟାବଧି କ୍ଷତିପୂରଣ ପାଇନଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏବଂ ଯେଉଁ ମାନଙ୍କର ଠିକଣା ମିଳିପାରୁ ନାହିଁ (not mapped) ମୋଟ ୫୦୭୪ ଜଣଙ୍କର ତାଲିକା ଏଥିସହିତ ସଂଲଗ୍ନ କରାଗଲା।

ଗୋଲ୍ଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନୀଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ମଧ୍ୟ ଏଥିସହିତ ସଂଲଗ୍ନ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,ନୟାଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି.

ଜ୍ଞାପକ ସଂଖ୍ୟା ୧୮୨୩ /ସା.ଓ.ବି. ତା ୦୩.୧୨.୨୫ ରିଖ

ଏହାର ଏକ କିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,ନୟାଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି.

ଜ୍ଞାପକ ସଂଖ୍ୟା ୧୮୨୮ /ସା.ଓ.ବି. ତା ୦୩.୧୨.୨୫ ରିଖ

ଏହାର ଏକ କିତା ନକଲ ଉପ-ଜିଲ୍ଲାପାଳ/ସମସ୍ତ ତହସିଲଦାର ମାନଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକ କିତା ନକଲ ଜିଲ୍ଲା ସ୍ୱଳ୍ପସଞ୍ଚୟ ଅଧିକାରୀ, ନୟାଗଡ଼ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,ନୟାଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି.

ଜ୍ଞାପକ ସଂଖ୍ୟା ୧୮୨୯ /ସା.ଓ.ବି. ତା ୦୩.୧୨.୨୫ ରିଖ

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ନୟାଗଡ଼ଙ୍କ ଅବଗତି ଏବଂ ଉକ୍ତ ସର୍ବସାଧାରଣ ନୋଟିସକୁ ନୟାଗଡ଼ ଜିଲ୍ଲା ସରକାରୀ ୱେବସାଇଟ *https://nayagarh.odisha.gov.in/* ରେ ନୟାଗଡ଼ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ " ୱେବସାଇଟ ହୋଷ୍ଟିଙ୍ଗ " କରିବାକୁ ଅନୁରୋଧ କରାଗଲା।

ଏହାର ଏକ କିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ, ନୟାଗଡ଼ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,ନୟାଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି.

ଜ୍ଞାପକ ସଂଖ୍ୟା ୧୮୩୦ /ସା.ଓ.ବି. ତା ୦୩.୧୨.୨୫ ରିଖ

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଜିଲ୍ଲାପାଳ,ନୟାଗଡ଼ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,ନୟାଗଡ଼ ତଥା
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି.